ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 1246/09-02-2021**

# ପ୍ରେସ୍ ବିବୃତି

**ଭୁବନେଶ୍ୱର :୦୯ ଫେବୃଆରୀ,୨୦୨୧**

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଜଳସଂପଦ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି, କୃଷି ଓ କୃଷକ ସଶକ୍ତିକରଣ, ସମବାୟ, ଅର୍ଥ, ଜଙ୍ଗଲ ଓ ପରିବେଶ, ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଉଚ୍ଚଶିକ୍ଷା, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ସଂସଦୀୟ ବ୍ୟାପାର ସଂପୃକ୍ତ ୨୭ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଅନୁମୋଦିତ ହୋଇଛି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ରମାଦେବୀ ମହିଳା ମହାବିଦ୍ୟାଳୟର ନୂତନ ଏକାଡେମିକ ବ୍ଲକ୍, ପାଠାଗାର ଓ ଛାତ୍ରୀନିବାସ କୋଠାର ଉଦ୍‌ଘାଟନ କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ମଧ୍ୟ ଏକାଡେମିକ କୋଠା, ହଷ୍ଟେଲ ଏବଂ ମୁକ୍ତାକାଶ ମଞ୍ଚ ପରି ଭିତ୍ତିଭୂମିଗୁଡ଼ିକର ନବୀକରଣ ପାଇଁ ୧୮ କୋଟି ଟଙ୍କା ଅନୁଦାନ ଘୋଷଣା କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଖ୍ୟାତନାମା ସ୍ୱାଧୀନତା ସଂଗ୍ରାମୀ ରମାଦେବୀ ଚୌଧୁରୀଙ୍କ ସ୍ମୃତିଚାରଣ କରି କହିଛନ୍ତି ଯେ ଏହି ଅନୁଷ୍ଠାନ ଓଡ଼ିଶାରେ ମହିଳାମାନଙ୍କ ଶିକ୍ଷା ଓ ସଶକ୍ତିକରଣ ପାଇଁ ସମର୍ପିତ ମା ରମାଦେବୀଙ୍କ ଲକ୍ଷ୍ୟକୁ ସାକାର କରୁଛି । ସେ ମଧ୍ୟ ବିଦ୍ୟାର୍ଥୀମାନଙ୍କୁ ଅନୁଷ୍ଠାନର ପ୍ରତିଷ୍ଠା ବଜାୟ ରଖି ଏହାକୁ ଦେଶର ସର୍ବଶ୍ରେଷ୍ଠ ଅନୁଷ୍ଠାନ ରୂପେ ପରିଗଣିତ କରିବା ପାଇଁ ଆହ୍ୱାନ ଦେଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ବିଦ୍ୟାର୍ଥୀମାନଙ୍କୁ ସମାଜର ଭବିଷ୍ୟତ ଏବଂ ପରିବର୍ତ୍ତନର ଅଗ୍ରଦୂତ ରୂପେ ବର୍ଣ୍ଣନା କରି କହିଛନ୍ତି ଯେ ସଂପୂର୍ଣ୍ଣ ଆତ୍ମବିଶ୍ୱାସ ସହିତ ନିଜର ପ୍ରତିଭା ଉପରେ ଭରସା ରଖି ମହିଳାମାନେ ଆଜି ପ୍ରତ୍ୟୋକ କ୍ଷେତ୍ରରେ ଅଗ୍ରଣୀ ହୋଇପାରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ବିଦ୍ୟାର୍ଥୀମାନଙ୍କୁ ନିଜର ପ୍ରତିଭା ଉପରେ ବିଶ୍ୱାସ ରଖି ସେମାନଙ୍କ ସ୍ୱପ୍ନକୁ ସାକାର କରିବା ସହ ସମାଜରେ ରୂପାନ୍ତରଣ ଆଣିବା ପାଇଁ ଆହ୍ୱାନ ଦେଇଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସରକାରୀ ବିଦ୍ୟାଳୟଗୁଡ଼ିକରେ ଗୁଣାତ୍ମକ ଶିକ୍ଷା ଏବଂ ଭିତ୍ତିଭୂମିର ବିକାଶକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ରାଜ୍ୟ ସରକାରଙ୍କ 'ମୋ ସ୍କୁଲ' ଅଭିଯାନ

ବିପୁଳ ସମର୍ଥନ ହାସଲ କରିଛି । ୧୩ ଜଣ ମନ୍ତ୍ରୀ, ସାଂସଦ ଏବଂ ବିଧାୟକ, ୫୩ ଜଣ ଭାରତୀୟ ପ୍ରଶାସନିକ ଅଧିକାରୀ ଏବଂ ୨ ଜଣ ପୂର୍ବତନ ନ୍ୟାୟାଧୀଶ ଗତ କିଛି ସପ୍ତାହ ମଧ୍ୟରେ ୧୪୪ଟି ବିଦ୍ୟାଳୟକ ପୋଷ୍ୟ ରୂପେ ଗ୍ରହଣ କରିଥିବା କଥା ସେ ପ୍ରକାଶ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ସହରୀ ନବୀକରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପଞ୍ଚମ ଗୁଆଙ୍ଗଝୁ ଆନ୍ତର୍ଜାତିକ ପୁରସ୍କାର ଲାଭ କରିଥିବାରୁ ବ୍ରହ୍ମପୁର ମହାନଗର ନିଗମକୁ ଅଭିନନ୍ଦନ ଜଣାଇଛନ୍ତି । ୬୦ଟି ଦେଶର ୧୭୫ଟି ସହରରେ ଗ୍ରହଣ କରାଯାଇଥିବା ସହରୀ ନବୀକରଣ କାର୍ଯ୍ୟକ୍ରମ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଉଛି ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଚଳିତ ବର୍ଷର ବିବିସି ଭାରତୀୟ ମହିଳା କ୍ରୀଡ଼ାବିତ୍ ତାଲିକାରେ ଓଡ଼ିଶାର ପ୍ରମୁଖ ଧାବିକା ଦୁତୀ ଚାନ୍ଦ ସ୍ଥାନିତ ହୋଇଥିବାରୁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

- ୨୦୧୯-୨୦ ଶିକ୍ଷାବର୍ଷରେ ଓଡ଼ିଆ ମାଧ୍ୟମ ଶିକ୍ଷାନୁଷ୍ଠାନଗୁଡ଼ିକରେ ନବମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀମାନେ ଆସନ୍ତା ମଇ ମାସରେ ହେବାକୁ ଥିବା ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ୨୦୨୧ ଦେଇପାରିବେ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି । ଅନୁରୂପ ଭାବରେ ୨୦୧୯-୨୦ ଶିକ୍ଷା ବର୍ଷରେ ଏକାଦଶ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀମାନେ ଆସନ୍ତା ମଇ ମାସରେ ହେବାକୁ ଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଯୁକ୍ତ-୨ ପରୀକ୍ଷା ଦେଇପାରିବେ ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୭୯,୦୫,୩୩୯ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୩୫,୭୯୭ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୩୩,୦୩୧ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୯୧୦ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା 803 ରହିଛି ।
- 803 ଜଣ ହସ୍ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ପଠାଣି ରାଉତ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**